ଓଁ ଶ୍ରୀ ସାଇରାମ

# ଅମୃତ କଲ୍ଲୋଳ

**ବାଳବିକାଶ.......**

ସାଇରାମ.........ସାଇରାମ.........ସାଇରାମ...........ସାଇରାମ
ତୁମରି ଆଶିଷ ଏ ବାଳବିକାଶ
ଚେତନାକୁ ଦିଏ ଛୁଇଁ (ଆମ) ଚେତନାକୁ ଦିଏ ଛୁଇଁ
ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଅହିଂସାର (୨)
ସଙ୍ଗୀତ ଗାଇ ଗାଇ ....ସଙ୍ଗୀତ ଗାଇ ଗାଇ
ଆମେ ସବୁ ସାଇ ଆଶାର କଳୀକା
ଫୁଟିବୁ ମହକ ଦେଇ.........ଶାସ୍ୱତ ସଙ୍ଗୀତ ଗାଇ
ତୁମରି ଆଶିଷ........
Help Ever.....Hurt Never (2)

**ମାତାପିତା.......**

ଅମୃତ ସମାନ ଦେଇଛ ଜୀବନ
ତୁମରି ଆଶିଷ ପାଇ
ଆଣିଛ ଧରାକୁ ଲୁହ ପୋଛି ଦେଇ
ହସି ହସାଇବା ପାଇଁ
ତୁମେ ପିତାମାତା ମୋ ଭାଗ୍ୟ ବିଧାତା (୨)
ପାଶେ ପାଶେ ଥାଅ ରହି ......ମୋ ଜୀବନ ନାଆ ବାହି
ଆମେ ସବୁ ତୁମ ଆଶାର ସଳିତା
ଜିଇବୁ ଆଲୋକ ଦେଇ.......ଅନ୍ଧାର ଯିବ ନଇଁ
Love All...Serve All (2)

**ଗୁରୁ..........**

ଅଜ୍ଞାନ ଅନ୍ଧାର ଜୀବନୁ ମୋହର
ଗୁରୁ ତୁମେ ଯାଅ ନେଇ
ସନାତନ ଶିକ୍ଷା ହୃଦୟେ ଆମର
ଝଟକୁ ତୁମରି ପାଇଁ
ଜ୍ଞାନ ଆଲୋକରେ ଉଜ୍ଜ୍ୱଳୁ ଅନ୍ତର (୨)
ଜଗତ କଲ୍ୟାଣ ପାଇଁ......ଅନ୍ଧାର ଯାଉ ନଇଁ
ନିଅ ସତ୍ୟପଥେ ଜୀବନକୁ ମୋର
ଗୁରୁ ବ୍ରହ୍ମା ବିଷ୍ଣୁ ହୋଇ.......... ସଦାଚାର ଭରିଦେଇ
Do good.....Be good (2)

**ଭଗବାନ ବାବା.......**

ତୁମ ହାତଗଢା ଏ ସାରା ସଂସାର
ସଗୁଣ ନିର୍ଗୁଣ ସାଇ
କୋଳେଇ ନେଇଛ ଅବୋଧ ସନ୍ତାନେ
ପ୍ରେମର ପରଶ ଦେଇ
ଧର୍ମ ସଂସ୍ଥାପକ ବେଦ ଉଦ୍ଧାରକ (୨)
ସର୍ବଦେବ ରୂପନେଇ........ ତୁମେ ଯେ ଜଗତ ସାଇଁ
ଏ ମୋର ଜୀବନ ବିତିଯାଉ ପ୍ରଭୁ
ତୁମ ଚଲାପଥେ ଯାଇ (ତୁମେ) ପ୍ରେମମୟ ସତ୍ୟ ସାଇ
ତୁମରି ଆଶିଷ .......
Why Fear.....I am Here (2)
ସାଇରାମ.........ସାଇରାମ.........ସାଇରାମ...........ସାଇରାମ (୩)

**- ଜୟ ସାଇରାମ -**